# ଚିଠି ଲେଖାରେ ହିଁ ଆଇଆଇଟି ରହିଗଲା

**ଅକ୍ଷୟ ମିଶ୍ର**

ଓଡ଼ିଶାରେ ଆଇଆଇଟି ଭଳି ଏକ ଜାତୀୟ ବୈଷୟିକ ଅନୁଷ୍ଠାନ ପ୍ରତିଷ୍ଠା ନେଇ ସ୍ଥାନ ନିରୂପଣ ବେଳେ ରାଜନୀତି ନହେବା ପାଇଁ ମୁଖ୍ୟମନ୍ତ୍ରୀ ନିବେଦନ ଜଣାଇଛନ୍ତି (ସମାଜ ୨/୨) । ଓଡ଼ିଶାରେ ଦ୍ରୁତ ଶିଳ୍ପାୟନ ପରିପ୍ରେକ୍ଷୀରେ ଏକାଦଶ ପଞ୍ଚବାର୍ଷିକ ଯୋଜନା କାଳରେ ରାଜ୍ୟରେ ଏହି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାର ଯୁକ୍ତି ଦର୍ଶାଇ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ପୁନର୍ବାର ପତ୍ର ଲେଖି କେନ୍ଦ୍ର ମାନବସମ୍ବଳ ବିକାଶମନ୍ତ୍ରୀ ଡ. ଅର୍ଜୁନ ସିଂହ ଅନୁକୂଳ ମନୋଭାବ ପ୍ରକାଶ କରିଥିବା ସମ୍ପର୍କରେ ଉକ୍ତ ଚିଠିରେ ମଧ୍ୟ ଦର୍ଶାଯାଇଥିବା ଜଣାଯାଏ । ସୂଚନା ଯୋଗ୍ୟ ୨୦୦୪ ମସିହାରେ ବୁର୍ଲା ଇଞ୍ଜିନିୟରିଂ କଲେଜକୁ ଆଇଆଇଟି ମାନ୍ୟତା ମିଳିବା ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ସୁପାରିଶ କରିଥିଲେ, ମାତ୍ର ତାହା କେନ୍ଦ୍ର ମାନବସମ୍ବଳ ବିକାଶ ବିଭାଗର ତତ୍କାଳୀନ ରାଷ୍ଟ୍ରମନ୍ତ୍ରୀ ଡି. ପୁରନ୍ଦେଶ୍ୱରୀଙ୍କ ଦ୍ୱାରା ଅଗ୍ରାହ୍ୟ ହୋଇଯାଇଥିଲା । ପରେ ୨୦୦୫ ମସିହା ଅଗଷ୍ଟ ୨୮ ତାରିଖରେ ତତ୍କାଳୀନ ମାନବସମ୍ବଳ ବିକାଶ ମନ୍ତ୍ରୀ ଏ.ଏ.ଫାତ୍ମୀ ୫ମ ପଞ୍ଚବାର୍ଷିକ ଯୋଜନାରେ ଦେଶରେ ପ୍ରତିଷ୍ଠିତ ହେବାକୁ ଥିବା ୩ଟି ଆଇଆଇଟିରୁ ଗୋଟିଏ ଓଡ଼ିଶାରେ ହେବାକୁ ଘୋଷଣା କରିଥିଲେ । ପରବର୍ତ୍ତୀ ସମୟରେ ଏହା ଆନ୍ଧ୍ରକୁ ସ୍ଥାନାନ୍ତର ହେବା ସିଦ୍ଧାନ୍ତ ଓଡ଼ିଶାବାସୀଙ୍କୁ ଆଘାତ ଦେଇଥିଲା । ତେବେ ୫ମ ପଞ୍ଚବାର୍ଷିକ ଯୋଜନାର ରୂପରେଖ ମୁତାବକ ରାଜ୍ୟରେ ଏକ ଆଇଆଇଟି ସ୍ଥାପନ ଏଯାବତ୍ ସାକାର ନହେବା ଆମ ରାଜ୍ୟ ନେତୃତ୍ୱର ପାରିବାପଣିଆ ପ୍ରତି ଆହ୍ୱାନ କହିଲେ ଅତ୍ୟୁକ୍ତି ହେବନାହିଁ । ରାଜ୍ୟରେ ଆଇଆଇଟି, ଆଇଆଇଏମ୍ ଓ ଆଇଆଇଆଇଟି ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ପୁଣି ଥରେ ୨୦୦୭ ମସିହା ଅକ୍ଟୋବର ମାସରେ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ି ପତ୍ର ଲେଖିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଦାବି ଏବଂ ଯୁକ୍ତି ଥିଲା ସେଇ ପୁରୁଣା କଥାର ପୁନଃ ଦୋହରା କଥା, ବହୁଦିନର ନ୍ୟାୟୋଚିତ ଦାବି ଏବଂ ରାଜ୍ୟର ଦ୍ରୁତ ଶିଳ୍ପାୟନ ଅଭିବୃଦ୍ଧି, ଯେଉଁ ପ୍ରସଙ୍ଗନେଇ ଉଚ୍ଚମାନ ସମ୍ପନ୍ନ ବୈଷୟିକ ଓ ପରିଚାଳନାଗତ ପ୍ରତିଷ୍ଠାନ ସ୍ଥାପନର ଆବଶ୍ୟକତା ରହିଛି ତାକୁନେଇ ଗୁରୁତ୍ୱାରୋପ ଓ ଜୋରଦେବା । ଇସ୍ପାତ, ଆଲୁମିନିୟମ ଓ ବିଦ୍ୟୁତ ଆଦି କ୍ଷେତ୍ରରେ ରାଜ୍ୟରେ ବିପୁଳ ପୁଞ୍ଜି ବିନିଯୋଗ ହେଉଥିଲାବେଳେ ଅଟୋମୋବାଇଲ, ପେଟ୍ରୋ କେମିକାଲ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ରାଜ୍ୟରେ ବିକାଶର ବିପୁଳ ସମ୍ଭାବନା ସୃଷ୍ଟି ହୋଇଥିବା ଉପଲକ୍ଷେ ଓଡ଼ିଶାକୁ ଏକ ନମ୍ବର ଶିଳ୍ପ ବିକଶିତ ରାଜ୍ୟରେ ପରିଣତ କରିବାର ଆହ୍ୱାନ ଓ ଶପଥରେ ପିତା ବିଜୁବାବୁଙ୍କ ଭଳି ନବୀନଙ୍କର ନିଷ୍ପତ୍ତି ଥିଲା ସୁଦୂରପ୍ରସାରୀ । ଦେଶରେ ଯେତେବେଳେ ନୂଆହୋଇ ୮ଟି ଆଇଆଇଟି, ୭ଟି ଆଇଆଇଏମ, ୫ଟି ଆଇଆଇଏସଇ ଆଉ ୨୦ଟି ଆଇଆଇଆଇଟି ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଲେ, ସେହି ପରିପ୍ରେକ୍ଷୀରେ ଓଡ଼ିଶାରେ ଗୋଟିଏ ଆଇଆଇଟି, ଗୋଟିଏ ଆଇଆଇଏମ ଏବଂ ଗୋଟିଏ ଆଇଆଇଆଇଟି ପରି ସମ୍ମାନ ଜନକ କେନ୍ଦ୍ରୀୟ ପ୍ରତିଷ୍ଠାନ ଖୋଲିବାନେଇ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ମୁଖ୍ୟମନ୍ତ୍ରୀ ପତ୍ର ଦେଇଥିବା ଏକ ସ୍ମୃତିଚାରଣ ଥିଲା ନା ଚେଇଁ ଶୋଇଥିବା କେନ୍ଦ୍ର ପ୍ରଶାସନକୁ ଏହାଥିଲାଏକ ଦୁର୍ବଳ ସ୍ମାରକ ପତ୍ର ?

ସୂଚନାଯୋଗ୍ୟ ୨୦୦୭ ମସିହା ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହ ଦେଶରେ ୮ଟି ନୂତନ ଆଇଆଇଟି ପ୍ରତିଷ୍ଠା କରାଯିବାର ଯେଉଁ ଘୋଷଣା କରିଥିଲେ ସେଥି ମଧ୍ୟରୁ ଆନ୍ଧ୍ର, ବିହାର ଓ ରାଜସ୍ଥାନରେ ଗୋଟିଏ କରି ଆଇଆଇଟି ପ୍ରତିଷ୍ଠିତ ହେବବୋଲି କେନ୍ଦ୍ରମାନବ ସମ୍ବଳ ବିକାଶମନ୍ତ୍ରୀ ଘୋଷଣା କରିବାପରେ ଅବଶିଷ୍ଟ ୫ଟି କେଉଁ ରାଜ୍ୟରେ ପ୍ରତିଷ୍ଠା ହେବ ତା'ନେଇ କେନ୍ଦ୍ର ନିରବ ଥିଲା । ସେହି ୨୦୦୭ ଅକ୍ଟୋବରରେ କର୍ଣ୍ଣାଟକ, କେରଳ ଓ ତାମିଲନାଡୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ନିଜ ରାଜ୍ୟରେ ଆଇଆଇଟି ସ୍ଥାପନର ଆବଶ୍ୟକତା ଉପରେ ଦାବି ଜଣାଇ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ସେମାନେ ପ୍ରସ୍ତାବ ଉପସ୍ଥାପନା କରିସାରିଥିବାବେଳେ, ଆଉ ୨ଟି ନେଇ ସେତେବେଳେ କୌଣସି ରାଜ୍ୟ ଦାବି ଜଣାଇନଥିଲେ । ତେବେ ୨୦୦୪ରୁ କେବଳ କେନ୍ଦ୍ର ସରକାରଙ୍କୁ ରାଜ୍ୟର ଦାବି ଜଣାଇ ମୁଖ୍ୟମନ୍ତ୍ରୀ ଚିଠି ଲେଖି ଆସୁଥିବା କଥା ଓଡ଼ିଶାର ଜନସାଧାରଣ ଜାଣି ଆସୁଛନ୍ତି । ଅବଶ୍ୟ ଠିକଣା ସମୟରେ ଏ ଦିଗରେ ଓଡ଼ିଶା ମୁଖ୍ୟମନ୍ତ୍ରୀ କେନ୍ଦ୍ରଠାରେ ତୁରନ୍ତ ଦାବି ଜଣାନ୍ତୁ ବୋଲି ବିଦେଶରେ ରହୁଥିବା କିଛି ସ୍ୱାଭିମାନୀ ଓଡ଼ିଆ ଇଞ୍ଜିନିୟର ଫାକ୍ସ କରିନଥିଲେ ଏ ଦାବି ରାଜ୍ୟବାସୀ ତ ଭୁଲି ସାରିଥିଲେ ।

୨୦୦୭ ମସିହା ଅପ୍ରେଲରେ ବୁର୍ଲା ଯାନ୍ତ୍ରିକ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅବସରରେ ବୁର୍ଲାକୁ ଆଇଆଇଟି ମାନ୍ୟତା ମିଳିବାନେଇ ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ସୁପାରିଶ କରି ଚିଠି ଲେଖିବା କଥା ବୁର୍ଲାଠାରେ କହିଥିଲେ । ୨୦୦୭ ଅକ୍ଟୋବର ୭ ପରେ ରାଜ୍ୟକୁ ଆଇଆଇଟି ବଦଳରେ ପାର୍ଲାମେଣ୍ଟରେ ଏକ ବିଲ୍ ଜରିଆରେ ଆଇଆଇଟି ଠାରୁ ଏକ ଅଧିକ ମାନ୍ୟତା ଯୁକ୍ତ ନୂତନ ଧରଣର ବୈଷୟିକ ପ୍ରତିଷ୍ଠାନ 'ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି ମିଳିବ ବୋଲି କେନ୍ଦ୍ର ସୂଚନା ଦେଇଥିଲେ ହେଁ ତାହା ମଧ୍ୟ ଥିଲା ଏକ ନୂଆ ସ୍ୱାଦର ସ୍ୱପ୍ନ ଭେଟି– କହିବା ବାହୁଲ୍ୟ । ପରେ ପରେ ସେହି ୨୦୦୭ ଅକ୍ଟୋବରରେ ହିମାଚଳ ପ୍ରଦେଶରେ ଏକ ଆଇଆଇଟି ସ୍ଥାପନ କରାଯିବାକୁ କେନ୍ଦ୍ର ଅର୍ଥମନ୍ତ୍ରୀ ପି.ଚିଦମ୍ବରମଙ୍କ ଘୋଷଣାର ଅଳ୍ପ ଦିନପରେ ଦେଶରେ ଆଇଆଇଟି ଖୋଲାଯିବା ସମ୍ପର୍କରେ କୌଣସି ନୀତିଗତ ନିଷ୍ପତ୍ତି ଏବେ ନିଆଯାଉନାହିଁ ବୋଲି ପ୍ରଧାନମନ୍ତ୍ରୀ ୨୦୦୭ନଭେମ୍ବରରେ ଘୋଷଣା କରିବାପରେ ଏ ସମ୍ପର୍କୀୟ କଳ୍ପନା ଜଳ୍ପନାର ଅଙ୍କକଷାରେ ପରିସମାପ୍ତି ଘଟିନଥିଲେ ବି ଏନେଇ ଚାଲିଥିବା କେନ୍ଦ୍ର–ରାଜ୍ୟ ରାଜନୀତିରେ ସ୍ଥିରତା ପଡ଼ି ଆସିଥିଲା । ଏବେ ଓଡ଼ିଶା ମୁଖ୍ୟମନ୍ତ୍ରୀ ପୁଣିଥରେ ଆଇଆଇଟି ନେଇ ପ୍ରଧାନମନ୍ତ୍ରୀଙ୍କୁ ଚିଠିଲେଖିବା ଓ କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରୀ ଡଃ ଅର୍ଜୁନ ସିଂଙ୍କର ଏହାଉପରେ ଅନୁକୂଳ ମନୋଭାବ ରହିଛି ବୋଲି ପ୍ରଧାନମନ୍ତ୍ରୀଙ୍କୁ କହିବାର ଅର୍ଥ ଓଡ଼ିଶାର ସରଳଲୋକେ ବୁଝିବା ବାସ୍ତବିକ ବହୁ କଠିନ ଓ ରହସ୍ୟାବୃତ୍ତ ହୋଇପଡ଼ିଛି । ନିକଟ ଅତୀତରେ କେନ୍ଦ୍ରମାନବସମ୍ବଳ ବିକାଶ ସଚିବ ଓଡ଼ିଶାରେ ନାଇସର ପ୍ରତିଷ୍ଠା ପରେ ଏକ ଗ୍ରୀନ ଫିଲ୍ଡ଼ ପ୍ରତିଷ୍ଠାର ଆବଶ୍ୟକତା ସମ୍ପର୍କରେ ପ୍ରଶ୍ନଉଠାଇ ଖୋଦ୍ ମନ୍ତ୍ରୀଙ୍କ ବିରୋଧ କରିଛନ୍ତି । ତେବେ ଏ ପ୍ରକାର ଦାୟିତ୍ୱହୀନ ମନ୍ତବ୍ୟ ଉପରେ ମାନବସମ୍ବଳ ବିକାଶ ସଚିବଙ୍କ ଇସ୍ତଫାଦାବି କରିବା ଦେଶର ପ୍ରଥମ କାର୍ଯ୍ୟ ହେବା ଉଚିତ । କାରଣ ସେ କାହା ଅନୁମତିରେ ନିଜ ବିଭାଗର ଦାୟିତ୍ୱ ନବୁଝି ଅଯଥା ମନ୍ତବ୍ୟ ଦେଉଛନ୍ତି । ଆଇଆଇଟି ମାନ୍ୟତା ପାଇଁ (ଏକ ଗ୍ରୀନ ଫିଲ୍ଡ଼ ପ୍ରତିଷ୍ଠା) ୫୦୦ରୁ ୭୦୦ ଏକର ଜମି ଓ ଏହାର ବିକାଶ ପାଇଁ ୧୦୦ରୁ ୧୫୦କୋଟି ଟଙ୍କାର ଆବଶ୍ୟକତା ରାଜ୍ୟସରକାର ନିଶ୍ଚୟ ବହନ କରିପାରିବେ ଖୁବ୍ ସକ୍ଷମତାର ସହିତ– ଏକଥା ସଚିବ ମହାଶୟ ଜାଣିରଖିବା ଉଚିତ ।

ଓଡ଼ିଶାରେ ଆଇଆଇଟି ନଥିବାରୁ ରାଜ୍ୟର ଆବଶ୍ୟକତା ଦୃଷ୍ଟିରୁ ଖଡ଼ଗପୁର ଆଇଆଇଟିର ଏକ ସଂପ୍ରସାରିତ ଶାଖା ଭୁବନେଶ୍ୱରରେ ରାଜ୍ୟସରକାର ଚଳାଉଥିବାର ପାରଗତା କ'ଣ ଏହା ସ୍ପଷ୍ଟ କରି ଦେଉନି ଯେ ଓଡ଼ିଶା ପାଇଁ ଆଇଆଇଟି କେତେ ଜରୁରୀ । ରାଜ୍ୟସରକାର ଏମ୍ସ ଖୋଲିବା ଲାଗି ସବୁପ୍ରକାର ଜମି ତଥା ଆନୁଷଙ୍ଗିକ ସହଯୋଗ ଯୋଗାଇ ଆସୁଥିବା ବେଳେ ଏବଂ ନିକଟରେ କଟକ ବିଡ଼ାନାସୀ ସେକ୍ଟର–୧୩ରେ ୨୮ଏକର ଜାଗାରେ ଏକ ଆଇନ ବିଶ୍ୱବିଦ୍ୟାଳୟ ପାଇଁ ଯୋଜନା ରଖିଥିବାବେଳେ, କେନ୍ଦ୍ର ତୁରନ୍ତ ଓଡ଼ିଶାକୁ ଏକ ଆଇଆଇଟି ସ୍ଥାପନର ସୁବିଧା ଯୋଗାଉ– ଏହା ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟବାସୀଙ୍କ ନ୍ୟାୟ୍ୟଦାବି । ଯେଉଁ କେତେକ ବିରୋଧାଭାଷ ଏ ଦିଗରେ ରାଜନୀତି ସୃଷ୍ଟି କରୁଛି ସେସବୁ ହେଲା କେନ୍ଦ୍ର ଓ ରାଜ୍ୟର ସମଧର୍ମୀ ଶାସନର ଅଭାବ ଏବଂ ଦ୍ୱିତୀୟତଃ ନୂତନ ଆଇଆଇଟି ଓ ଆଇଆଇଏମ ନଖୋଲି ଯେଉଁଠି ଏପ୍ରକାର ଅନୁଷ୍ଠାନ ରହିଛି ତା'ର ସ୍ଥାନ ବୃଦ୍ଧି ଘଟାଇବା ପାଇଁ ରାଷ୍ଟ୍ରୀୟ ଶିଳ୍ପ ସଂଗଠନ 'ଆସୋଚାମ୍'ର ଦାବି । ତେବେ ଆସୋଚାମ୍‌ର ଦାବି ବିରୋଧରେ ଏତିକି କୁହାଯାଇପାରେ ଯେ ଆଞ୍ଚଳିକ ଉନ୍ନତି ହିଁ ଦେଶର ଉନ୍ନତି ଓ ପ୍ରଗତି । ସେ ଦୃଷ୍ଟିରୁ ୮ଟି ନୂତନ ଆଇଆଇଟି ଓ ୭ଟି ଆଇଆଇଏମ ଖୋଲିବାର କେନ୍ଦ୍ରୀୟ ବିଚାରଧାରା ଏବଂ ନିଷ୍ପତ୍ତି ସର୍ବଥା ସ୍ୱାଗତଯୋଗ୍ୟ । ଏନେଇ ଆଉ ବିଭେଦ ରହିବା ଉଚିତ ନୁହେଁ । କାରଣ ବିଭିନ୍ନ ରାଜ୍ୟର ଦାବି ଓ କେନ୍ଦ୍ରର ଘୋଷଣାକୁ ହିସାବକୁ ନେଲେ ଯେଉଁସବୁ ରାଜ୍ୟରେ ୮ଟି ଆଇଆଇଟି ହେବାର ସମ୍ଭାବନା/ଦାବି/ ଘୋଷଣା ହୋଇଛି ସେଗୁଡ଼ିକ ହେଲେ ରାଜସ୍ଥାନ, କର୍ଣ୍ଣାଟକ, କେରଳ, ଆନ୍ଧ୍ର, ବିହାର, ତାମିଲନାଡୁ, ହିମାଚଳ ପ୍ରଦେଶ ଏବଂ ଓଡ଼ିଶା । ତେବେ ଏହା ବାଦ୍ କୌଣସି ରାଜ୍ୟର ଦାବି ନଥିବାବେଳେ ଆଞ୍ଚଳିକତା ଭିତ୍ତିରେ କେନ୍ଦ୍ର ଏସବୁ ରାଜ୍ୟରେ ଏଭଳି ପ୍ରତିଷ୍ଠାନ ସ୍ଥାପନକରିବା ସର୍ବୋଚିତ ଅଟେ । ଆମ ମୁଖ୍ୟମନ୍ତ୍ରୀ ୨୦୦୪, ୨୦୦୫, ୨୦୦୬, ୨୦୦୭ ଓ ୨୦୦୮ ମସିହାରେ ଏନେଇ କେବଳ କେନ୍ଦ୍ରକୁ ପତ୍ର ଲେଖିଲେ ହେବନାହିଁ । ଦଳମତ ନିର୍ବିଶେଷରେ ରାଜ୍ୟର ସମସ୍ତ ସାଂସଦ କେବଳ ପ୍ରଚାରପତ୍ର ମାଧ୍ୟମରେ ନୁହେଁ, କେନ୍ଦ୍ର ପାଖରେ ସଂଘର୍ଷ କରିବା ଆବଶ୍ୟକ । ବାଘ ପାଟିରୁ ଆହାର ଛଡ଼ାଇ ଆଣିବାର କୌଶଳ ଅତୀତରେ ବିଜୁବାବୁ ଦେଖାଇଥିବା ବେଳେ, ସେହି ଶୈଳୀରେ ନବୀନ ବାବୁ କେନ୍ଦ୍ରକୁ ଚିଠିଲେଖିବା ସହିତ କେଉଁ ପନ୍ଥା ଅବଲମ୍ବନ କଲେ କେନ୍ଦ୍ର ତୁରନ୍ତ ଓଡ଼ିଶା କଥା ମାନିନେବ ତାହା ଆବିଷ୍କାର କରିବାର ବେଳ ଆସିଛି । ସେହିଭଳି ଯେଉଁଭଳି ଓଡ଼ିଶାରେ ୧୦ଲକ୍ଷ ବିପିଏଲ୍ ହିତାଧିକାରୀଙ୍କୁ ବାଦ୍ ଦିଆଯିବା ପରିପ୍ରେକ୍ଷୀରେ ରାଜ୍ୟ ଶାସକଦଳ ରାଜରାସ୍ତାକୁ ଓହ୍ଲାଇ ଆସିପାରିଛି । ତେଣୁ ନିଜର ନ୍ୟାଯ୍ୟ ଲକ୍ଷ୍ୟ ହାସଲପାଇଁ ପ୍ରତିବାଦର ସ୍ୱର ଯେତେ ବଳିଷ୍ଠ ଓ ତୀବ୍ର ହେଲେ ମଧ୍ୟ ତାହା ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚ କାମକରିବା ପୂର୍ବରୁ ଯଦି ଦୁର୍ବଳ ହୋଇଯାଏ ତେବେ ଓଡ଼ିଆଙ୍କର ସବୁ ସ୍ୱପ୍ନ ଅଧୁରା ରହିଯିବ ।

*ପ୍ରତିଷ୍ଠାତା, ଆସୋସିଏସନ ଅଫ୍ ଇଞ୍ଜିନିୟର୍ସ– ଓଡ଼ିଶା*
*ସେକ୍ଟର–୧୧, ସିଡ଼ିଏ– କଟକ–୧୪*